ସବୁଜ ସ୍ୱର୍ଣ୍ଣ
Green Gold
News Letter
କୃଷି ବିଜ୍ଞାନ କେନ୍ଦ୍ର, (ଓ. ୟୁ.ଏ.ଟି.) ନୟାଗଡ଼
Krishi vigyan Kendra, (O.U.A.T.), NAYAGARH
ଅକ୍ଟୋବର - ଡ଼ିସେମ୍ବର ସମାଚାର ପତ୍ର ୨୦୨୧

## ଜୈବସୁରକ୍ଷାକରଣ ଧାନକିସମ ୩୧୧ର ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନ ।

ଧାନ କିସମ ୩୧୧ରେ ଅଧିକ ପରିମାଣରେ ପୃଷ୍ଟିସାର ଥିବାରୁ ସ୍ୱାସ୍ଥ୍ୟପାଇଁ ଏହା ହିତକାରକ । କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ତରଫରୁ ଜିଲ୍ଲାର ସରପୋଖରୀ, ଚିନେରା, ଶିଖରପୁର,ତ୍ରିପୁରା ଏବଂ ଅଁଳାମଡ଼ା ଗ୍ରାମଗୁଡ଼ିକରେ ୧୦ ଜଣ ଚାଷୀଙ୍କୁ ନେଇ ଧାନର ଏକ ସଫଳ କ୍ଷେତ୍ର ପ୍ରଦର୍ଶନ କରାଯାଇଛି । ଏହାଛଡ଼ା ଏହି ଧାନ ବର୍ଷାରେ ପଡ଼ି ଯାଉନଥିବାରୁ ଚାଷୀଭାଇମାନଙ୍କ ମଧ୍ୟରେ ଅଧିକ ଆର୍ଦ୍ଦୁତ ହୋଇପାରିଛି । ଏହି ଧାନ ହେକ୍ଟରକୁ ୫୦-




୫୫ କୁଇଣ୍ଟାଲ ପର୍ଯ୍ୟନ୍ତ ଅମଳ କରାଯାଇପାରିବ ।

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିମିତ୍ତ ମାଣ୍ଡିଆ ଚାଷ ଉପରେ କ୍ଷେତ୍ର ପ୍ରଦର୍ଶନ

ମାଣ୍ଡିଆ ଏକ ପୃଷ୍ଟିକର ପାରମ୍ପରିକ ଖାଦ୍ୟ, ଆଜିକାଲି ଆଧୁନିକତାର ପ୍ରଭାବରେ ଆମେ ଆମର ପାରମ୍ପାରିକ ମାଣ୍ଡିଆରୁ ପ୍ରସ୍ତୁତି ଖାଦ୍ୟକୁଂ ଭୂଲିଯାଇଛୁ । ଆମ ସମାଜରେ ଅନେକ ଗର୍ଭବତୀ ଏବଂ ସ୍ତନ୍ୟପାନ କରାଯାଉଥିବା ନାରୀ, ଯୁବତୀ ତଥା ଶିଶୁମାନଙ୍କର ପୃଷ୍ଟିକର ଅଭାବ ପରିଲକ୍ଷିତ ହୋଉଛି । ଆଜିକାଲି ମଧୁମେହ, ଅଂଶୁଘାତ, ରକ୍ତହୀନତା, ଅସ୍ତି ଦୁର୍ବଳ ଭଳି ଅନେକ ସ୍ୱାସ୍ଥ୍ୟ ସମସ୍ୟା ପରଲକ୍ଷିତ ହେଉଛି । ଏହି ସବୁ ସମସ୍ୟାରୁ ମୁକ୍ତି ପାଇବା ନିମିତ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ବୈଜ୍ଞାନିକ ପଦ୍ଧତିରେ ମାଣ୍ଡିଆଚାଷ ଉପରେ ଏକ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୫ଟି ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀର ଚାଷୀ ଭଉଣୀମାନେ ଅର୍ଜୁନ ନାମକ ଉନ୍ନତ କିସମର (୧୦୫ -




୧୧୦ ଦିନିଆ) ମାଣ୍ଡିଆ ଚାଷ କରିଥିଲେ । ଦେଶୀ ମାଣ୍ଡିଆଚାଷରେ ହେକ୍ଟର ପ୍ରତି ୨୪୨୮ଟଙ୍କା ଲାଭ ମିଳୁଥିବା ବେଳେ ଉନ୍ନତ କିସମର ଅର୍ଜୁନ ପ୍ରଜାତୀର ମାଣ୍ଡିଆ ଚାଷରୁ ଟ ୩୧,୫୦୦ଙ୍କା ଲାଭ ମିଳିଥିଲା । ସର୍ବୋପରି ମାଣ୍ଡିଆ ଖାଦ୍ୟ ଉପରେ ମହିଳା ମାନଙ୍କର ସଚେତନତା ବଢିଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଡଃ. ଶ୍ରୀମତୀ ଗୀତାଞ୍ଜଳୀ ସୁବୁଦ୍ଧି, ବୈଜ୍ଞାନିକା (ଗୃହ ବିଜ୍ଞାନ) ସୁଚାରୁରୂପେ ପରିଚାଳାନା କରିଥିଲେ ।

## ଗ୍ରାମିଣ ଯୁବକ ଓ ଯୁବତୀ ମାନଙ୍କ ପାଇଁ ତାଲିମ୍ ଶିବିର

ଗତ ତା ୨୧.୧୨.୨୦୨୧ ରିଖ ଠାରୁ ତା ୨୨.୧୨.୨୦୨୧ ରିଖରେ ଗ୍ରାମିଣ ଯୁବକ ଯୁବତୀ ମାନଙ୍କୁ ନେଇ କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ପରିସରରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି, ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକା, ଇଂ. ସୁଚିସ୍ମିତା ଦିବେଦୀ, କୃଷି ଯନ୍ତ୍ରପାତି ଗୁଡ଼ିକର ରକ୍ଷଣା ବେକ୍ଷଣା ଏବଂ ମରାମତି ସମ୍ବନ୍ଧରେ ଋଷୀମାନଙ୍କୁ ଅବଗତ କରାଇଥିଲେ । ଜିଲ୍ଲାର ବିଭିନ୍ନ ଗ୍ରାମର ୨୦ଜଣ ଗ୍ରାମୀଣ ଯୁବକ ଓ ଯୁବତୀମାନେ ଯୋଗଦାନ କରିଥିଲେ ଏବଂ ଭବିଷ୍ୟତରେ ଏହି ଯନ୍ତ୍ରପାତି ଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣାକୁ ନେଇ ଗୋଟିଏ ଲେଖାଏଁ କୃଷି ସେବା କେନ୍ଦ୍ର କରି ଏହା ଏକ ରୋଜଗାରର ମାଧ୍ୟମ ହୋଇ ପାରିବବୋଲି ଆଶା ପ୍ରକାଶ କରିଥିଲେ ।




## ଜଳବାୟୁ ସ୍ମାର୍ଟ କୃଷି ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ

କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ନୟାଗଡ଼ ଜିଲ୍ଲାର ଖଙ୍ଗୁରି, ସାନହାମରା ଓ ବାଙ୍କତଇଳା ଗ୍ରାମରେ ଗତ ତା ୨୨.୧୦.୨୦୨୧, ତା ୨୬.୧୦.୨୦୨୧ ଏବଂ ତା ୩୦.୧୧.୨୦୨୧ ରିଖ ଦିନ ଏହି କାର୍ଯ୍ୟକ୍ରମ ପୁଙ୍ଖାନୁପୁଙ୍ଖ ଭାବରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଋଷୀ ଭାଇ ଓ ଭଉଣୀ ମାନଙ୍କୁ ଜଳବାୟୁ ପରିବର୍ତ୍ତନ ଏବଂ ତାର ପରବର୍ତ୍ତୀ ପ୍ରଭାବ ସମ୍ବନ୍ଧୀୟ ଜ୍ଞାନ କୌଶଳ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ୧୫୦ଜଣ ଋଷୀ ଭାଇ ଓ ଭଉଣୀମାନେ ଯୋଗଦାନ କରି ଭବିଷ୍ୟତରେ ଏହି ଆଲୋଚନା ଚକ୍ରଟି ଲାଭଦାୟକ ହେବ ବୋଲି ବୈଜ୍ଞାନିକା ଇଂ ସୁଚିସ୍ମିତା ଦ୍ୱିବେଦୀ ମତ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମେଘଦୂତ ଆପ ମାଧ୍ୟମରେ ଆଗାମି ୫ ଦିନର ପାଣିପାଗର ପୂର୍ବନୁମାନ ସୂଚନା ସହିତ କୃଷି ଉପଦେଷ୍ଟା ସମ୍ବନ୍ଧରେ କେନ୍ଦ୍ରର ପାଣିପାଗ ବିଭାଗର ବିଷୟବସ୍ତୁ ବିଶେଷଜ୍ଞ ଶ୍ରୀମତି ସ୍ନିଗ୍ଧା ପଟ୍ଟନାୟକ ଚାଷୀମାନଙ୍କୁ ଅବଗତ କରାଇଥିଲେ ।







## ପ୍ରାକୃତିକ କୃଷି ସମ୍ବନ୍ଧୀୟ ସିଧାପ୍ରସାରଣ କାର୍ଯ୍ୟକ୍ରମ

କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ପରିସରରେ ପ୍ରାକୃତିକ କୃଷି ସମ୍ବନ୍ଧୀୟ ସିଧାପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାର ବିଭିନ୍ନ ଗ୍ରାମରୁ ୫୦ ଜଣ ଋଷୀ ଭାଇ ଓ ଭଉଣୀମାନେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବିଜ୍ଞାନିକ ଓ ମୁଖ୍ୟ ଡଃ. ଅନିଲ୍ କୁମାର ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ପୌରାହିତ୍ୟ କରିଥିବା ବେଳେ କୃଷି ବିଜ୍ଞାନକେନ୍ଦ୍ରର ସମସ୍ତ ବୈଜ୍ଞାନିକ, ବିଷୟବସ୍ତୁ ବିଶେଷଜ୍ଞ ଏବଂ କ୍ଷେତ୍ର ପରିଋଳକ ପ୍ରାକୃତିକ କୃଷିର ଗୁରୁତ୍ୱ ଉପରେ ଆଲୋକ ପାତ କରିଥିଲେ ।



## ବିଶ୍ୱ ଡାଲିଜାତୀୟ ଫସଲ ଦିବସ

ବିଶ୍ୱ ଡ଼ାଲିଜାତୀୟ ଫସଲ ଦିବସ ଆନୁକୂଲ୍ୟରେ କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ର ତାଲିମ୍ ପ୍ରକୋଷ୍ଟକକ୍ଷରେ ଏକ କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୟାଗଡ଼ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଅନୁନ୍ୟ ୫୦ ଜଣ ଚାଷୀ ଯୋଗଦେଇ ଖାଦ୍ୟ ନିରାପତା, ସନ୍ତୁଳିତ ଆହାର ତଥା ପୃଷ୍ଟିସାରର ଅଭାବ ନିରାକରଣ ଦିଗରେ ଡ଼ାଲି ଜାତୀୟ ଫସଲର ଭୂମିକା ବିଷୟରେ ତାଲିମ ଗ୍ରହଣ କରିବା ସହିତ ବିଭିନ୍ନ ଡ଼ାଲି ଜାତୀୟ ଫସଲ ଋଷରେ ଉପୁଜୁଥିବା ସମସ୍ୟାର ସମାଧାନ ପାଇଥିଲେ । ଏହି ଅଲୋଚନା ଚକ୍ରରେ କୃଷି ବିଜ୍ଞାନ କେନ୍ଦ୍ରର ସମ୍ପ୍ରସାରଣ ବୈଜ୍ଞାନିକ, ଶ୍ରୀ ତ୍ରିବିଜୟୀ ବଡ଼ଜେନା କୃଷି ପାଣିପାଗ ବଭାଗ, ଶ୍ରୀମତୀ ସ୍ନିଗ୍ଧା ପଟ୍ଟନାୟକ ଏବଂ କୃଷି ଅଧିକାରୀ, ଶ୍ରୀମତି ଅପର୍ଣ୍ଣା ପାତ୍ର ଯୋଗଦେଇ ଋଷୀମାନଙ୍କୁ ବୈଷୟିକ ଜ୍ଞାନ ପ୍ରଦାନ କରିଥିଲେ ।




## ପଶୁ ସ୍ୱାସ୍ଥ୍ୟ ଶିବିର

କୃଷି ବଜ୍ଞାନ କେନ୍ଦ୍ର ତରଫରୁ ନୟାଗଡ଼ ଜିଲ୍ଲାର ବିଭିନ୍ନ ଗ୍ରାମରେ ପଶୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କୃଷି ସଂପ୍ରସାରଣର ବୈଜ୍ଞାନିକ, ଶ୍ରୀ ତ୍ରିବିଜୟୀ ବଡ଼ଜେନା ଚାଷୀଭାଇ ଓ ଭଉଣୀ ମାନଙ୍କୁ ପଶୁମାନଙ୍କର ଟିକା କରଣ ଏବଂ ସ୍ୱାସ୍ଥ୍ୟ ବୃଦ୍ଧି ପାଇଁ ଅବଗତ




କରାଇଥିଲେ । ଏହି କାର୍ଯ୍ୟକ୍ରମରେ ୩୫୦ ଛେଳି, ୫୦ ମେଣ୍ଢା ଏବଂ ୧୦୦ଟି ଗାଇକୁ ଟିକାକରଣ ସହିତ ଔଷଧ ବିତରଣ କରାଯାଇଥିଲା । ପଶୁମାନଙ୍କୁ ଟିକାକରଣ ଏବଂ ସ୍ୱାସ୍ଥ୍ୟ ବୃଦ୍ଧି ପାଇଁ ଔଷଧ ବଣ୍ଟନ କରିବା ସହିତ ପଶୁମାନଙ୍କର ସଠିକ ଉପାୟରେ ଯତ୍ନ ନେବାପାଇଁ କେନ୍ଦ୍ରର ବୈଜ୍ଞାନିକ ଅବଗତ କରାଇଥିଲେ ।

## ମାଣ୍ଡିଆର ବିହନ ଉତ୍ପାଦନ

ଗତ ରବି ଋତୁରେ କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ଫାର୍ମ ପରିସରରେ ଅର୍ଜୁନ କିସମ ମାଣ୍ଡିଆର ଟି.ଏଲ୍ ବିହନ ଉତ୍ପାଦନ କରାଯାଉଛି । ଉତ୍ପାଦିତ ହେବାକୁ ଥିବା ମାଣ୍ଡିଆର ପ୍ରୋତ୍ସାହନ ପାଇଁ ନୟାଗଡ଼ ଜିଲ୍ଲାର ଋଷୀଭାଇମାନଙ୍କୁ ନିର୍ଦ୍ଧାରିତ ମୂଲ୍ୟରେ ଯୋଗାଇଦେବା ପାଇଁ ବ୍ୟବସ୍ଥା କାରାଯାଇଛି । ବୈଜ୍ଞାନିକ ପ୍ରଣାଳୀର ସମସ୍ତ ଜ୍ଞାନ କୌଶଳ ଯଥା ଧାଡ଼ିରୁଆ, ସମନ୍ୱିତ ଘାସ, ରୋଗ, ପୋକ ଓ ସାର ପରିଋଳନା ପ୍ରଦର୍ଶନୀ କରାଯାଇଛି ।



## କୃଷି ଜୀବି ମହିଳା ଦିବସ

କୃଷି କ୍ଷେତ୍ରରେ ମହିଳା ମାନଙ୍କର ଗୁରୁତ୍ୱକୁ ଉପଲକ୍ଷ କରିବା ନିମିତ ଗତ ତା ୦୪.୧୨.୨୦୨୧ ରିଖ ଦିନ ନୂଆଗାଁ ବ୍ଲକର ସିଆରିମାଳ ଗ୍ରାମଠାରେ କୃଷିଜୀବି ମହିଳା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସିଆରିମାଳ ଏବଂ ଏହାର ଆଖପାଖରେ ପ୍ରାୟତଃ ୫୦ଜଣ କୃଷିଜୀବି ମହିଳା ଅଂଶଗ୍ରହଣ



କରିଥିଲେ । ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ଗୃହ ବିଜ୍ଞାନୀ, ଡ଼ଃ ଗୀତାଞ୍ଜଳୀ ସୁବୁଦ୍ଧି ପୌରହିତ୍ୟ କରି କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ମହିଳା ମାନଙ୍କର ଅବଦାନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଛତୁଚାଷ କରି ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ଏହି ଦିନ ବୈଜ୍ଞାନିକ ପଦ୍ଧତିରେ ଛତୁଚାଷ ଉପରେ ଆଲୋଚନା କରାଯିବା ସହିତ ଛତୁବିହନ ଓ ପଲିଥିନ୍ ବିତରଣ କରାଯାଇଥିଲା ।

## ଜାତୀୟ ଛତୁ ଦିବସ

ଗତ ତା ୨୩.୧୨.୨୦୨୧ ରିଖ ଦିନ ନୂଆଗାଁ ବ୍ଲକର କୋରଡ଼ା ଗ୍ରାମଠାରେ କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ତରଫରୁ ଜାତୀୟ ଛତୁଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ଶ୍ରୀମତୀ ଗୀତାଞ୍ଜଳୀ ସୁବୁଦ୍ଧି, ବୈଜ୍ଞାନିକା (ଗୃହ ବିଜ୍ଞାନ) ପୌରହିତ୍ୟ କରିଥିବା ବେଳେ ଓଡ଼ିଶା ଜୀବିକା ମିଶନର କର୍ମକର୍ତ୍ତା ଶ୍ରୀମତୀ ସସ୍ମିତା ପରିଡ଼ା ଓ ଶ୍ରୀମାନ୍ ଅମିତ୍ କୁମାର ସାହୁ ଅଂଶଗ୍ରହଣ କରି ଉକ୍ତ



ଦିବସର ଆଭିମୂଖ୍ୟ ସମ୍ପର୍କରେ ଅବଗତି କରିଥିଲେ । କୃଷିଜୀବୀ ମହିଳା ମାନଙ୍କୁ ଛତୁଚଷ ପ୍ରତି ଅଧିକ ଆକୃଷ୍ଟ କରିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକା, ବୈଜ୍ଞାନିକ ପଦ୍ଧତିରେ ଛତୁଚଷ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ଧିଙ୍ଗରି ଛତୁର ବିହନ ଓ ପଲିଥିନ୍ ବିତରଣ କରିବା ସହିତ ବୈଷୟିକ ସହାୟତା ଦେଇଥିଲେ ।

## ଆଖୁର ୯ ଟି କିସମର କ୍ଷେତ୍ର ପ୍ରଦର୍ଶନ

ଗତ ରବି ଋତୁରେ କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ର ପ୍ରଦର୍ଶନ କ୍ଷେତ୍ରରେ ଆଖୁର ୯ଟି କିସମର କ୍ଷେତ୍ର ପ୍ରଦର୍ଶନ କରଯାଇଅଛି । ଏଥିରେ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ ପ୍ରଜାତି ଯଥା- ସବିତା, ଚର୍ଚ୍ଚିକା, ନୀଳମାଧବ, ରଘୁନାଥ, ନୀଳଚକ୍ର ଏବଂ କଳିଙ୍ଗ ଆଖୁ ତଥା ଆଖୁ ଗବେଷଣା କେନ୍ଦ୍ର, କୋଏମ୍ବାଟୁର ରୁ ବିକଶିତ କିସମ ଯଥା CO-06030 ଏବଂ COA11321 ପ୍ରଦର୍ଶୀତ କରାଯାଇଅଛି ।




**ପ୍ରକାଶକ**

ଡ଼ଃ ଅନିଲ୍ କୁମାର ସ୍ୱାଇଁ

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ବୈଷୟିକ ସହାୟତା**

ଗୀତାଞ୍ଜଳୀ ସୁବୁଦ୍ଧି, ଲତା ମଲ୍ଲିକ, ତ୍ରିବିଜୟୀ ବଡ଼ଜେନା, ସୁଚିସ୍ମିତା ଦ୍ୱିବେଦୀ, ସ୍ନିଗ୍ଧା ପଟ୍ଟନାୟକ, ଦେବାଶିଷ ନାୟକ, ରୋଜାଲିନ ପ୍ରହରାଜ





**ଯୋଗାଯୋଗ ଠିକଣା**

**କୃଷି ବିଜ୍ଞାନ କେନ୍ଦ୍ର**

ଗ୍ରାମ - ପାଣିପଇଲା, ପୋଷ୍ଟ- ବାଲୁଗାଁ,
ଜିଲ୍ଲା -ନୟାଗଡ, ଫୋନ - 9439024040

kvknayagarh.ouat@gmail.com